## ଗଛହଣାକୁ କେନ୍ଦ୍ର କରି ଉତ୍ତେଜନା

ହାଟଡିହୀ,(ଡି.ଏନ.ଏ.): କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଢେଙ୍କା ପଞ୍ଚାୟତ ସଙ୍ଗମ ଗ୍ରାମରେ ଗଛହଣାକୁ କେନ୍ଦ୍ର କରି ପାତ୍ର ସାହି ଓ ଯେନା ସାହି ମୁହାଁମୁହିଁ ହୋଇଛନ୍ତି। ଆନନ୍ଦପୁର ଡିଏଫଓ ଅଜିତ ଶତପଥିଙ୍କ ନିର୍ଦ୍ଦେଶ କ୍ରମେ ହଦଗଡ଼ ରେଞ୍ଜର ସୁମିତ ମହାନ୍ତି ଘଟଣା ସ୍ଥଳରେ ପହଞ୍ଚି ଏନେଇ ତଦନ୍ତ ଆରମ୍ଭ କରିଛନ୍ତି। ସରକାରୀ ଜାଗାରେ ଥିବା ଗଛକୁ ବନ ବିଭାଗର ବିନା ନିର୍ଦ୍ଦେଶରେ ଯେନା ସାହିର କେତେକ ଲୋକ ହାଣି ପକାଇଥିଲେ। ଫଳରେ ପାତ୍ର ସାହିର ଲୋକ ମାନେ ଏହାକୁ ବିରୋଧ କରିବାରୁ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ବିନା ନିର୍ଦ୍ଦେଶରେ ଗଛ ହାଣିଥିବାରୁ ରେଞ୍ଜର୍ ଲୋକଙ୍କୁ କଡ଼ା ଚେତାବନୀ ଦେଇଛନ୍ତି।

### ସଂକ୍ଷେପରେ

## କଂଗ୍ରେସ ପକ୍ଷରୁ ଧାରଣା

ସୋର, ୨୮।୧(ଡି.ଏନ.ଏ.): ସୋର ମ୍ୟୁନିସିପାଲିଟି କାର୍ଯ୍ୟାଳୟ ଆଗରେ ବିଭିନ୍ନ ଦାବି ନେଇ ସୋର ନଗର କଂଗ୍ରେସ ପକ୍ଷରୁ ଧାରଣା ଦିଆଯାଇଥିଲା। ଅଧିକ ଅର୍ଥ ଖର୍ଚ୍ଚ କରି ନିମ୍ନମାନର ସଫେଇ, କୋଭିଡ୍ ସମୟରେ ପୌରପାଳିକାର ହୋଲ୍ଡିଂ ଟ୍ୟାକ୍ସ ଛାଡ, ହିତାଧିକାରୀଙ୍କୁ ଭତ୍ତା ବଣ୍ଟନରେ ଅହେତୁକ ବିଳମ୍ବ, ଜନ୍ମମୃତ୍ୟୁ ପ୍ରମାଣପତ୍ର, ରାସ୍ତା ପାର୍ଶ୍ୱ ଆଲୋକ, ଆବାସ ଯୋଜନା ହିତାଧିକାରୀ ଚୟନରେ ପାତରଅନ୍ତର, ଯୋଗ୍ୟ ହିତାଧିକାରୀଙ୍କୁ ରାଶନକାର୍ଡ ବଣ୍ଟନ, ଉନ୍ନତି ଯୋଜନା ଅର୍ଥ ବିନିଯୋଗରେ ଅନିୟମିତତା, ବସ୍‌ଷ୍ଟାଣ୍ଡ ଓ ଷ୍ଟେଶନରେ ଶୌଚାଳୟ ନିର୍ମାଣ ସହ ଭୂମିହୀନଙ୍କୁ ଜମିପଟ୍ଟା ବଣ୍ଟନ ଆଦି ଦାବିରେ ପୂର୍ବ ସୂଚନା ଅନୁଯାୟୀ ଏହି ଧାରଣା ଦିଆଯାଇଥିଲା। ନଗର କଂଗ୍ରେସ ସଭାପତି ରାଜେନ୍ଦ୍ର କୁମାର ମହାନ୍ତି, ଅଜୟ କୁମାର ଦ୍ୱିବେଦୀ, ନିଶାକର ମହାନ୍ତି, ରାଧାଶ୍ୟାମ ମହାନ୍ତି, ଅନିରୁଦ୍ଧ ମହାନ୍ତି ଏହି ଧାରଣାର ନେତୃତ୍ୱ ନେଇଥିଲେ। ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ରାକେଶ କୁମାର ପଣ୍ଡା ଧାରଣାକାରୀଙ୍କୁ ଭେଟି ୭ଦିନ ମଧ୍ୟରେ ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ସଡ଼କ ସୁରକ୍ଷା ସଚେତନତା ରାଲି

ବୈଶିଙ୍ଗା,୨୮।୧(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ରାଲି ଆୟୋଜିତ ହୋଇଯାଇଛି। ଆଇଆଇସି ଲକ୍ଷ୍ମୀଧର ସ୍ୱାଇଁଙ୍କ ନେତୃତ୍ୱରେ ଏହି ରାଲି ଥାନାଠାରୁ ଆରମ୍ଭ ହୋଇ ୧୮ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ପରିକ୍ରମା କରି ବୈଶିଙ୍ଗା ବହୁମୁଖୀ ସମବାୟ ସମିତି ପର୍ଯ୍ୟନ୍ତ ସଡକ ସୁରକ୍ଷା ସଚେତନତା ବାବଦରେ ସ୍ଲୋଗାନ ଦେଇ ବଜାର ପରିକ୍ରମା କରିଥିଲେ। ରାସ୍ତାରେ ବିନା ହେଲମେଟରେ ଯାଉଥିବା ବାଇକ ଚାଳକମାନଙ୍କୁ ସେମାନଙ୍କ ଜୀବନର ସୁରକ୍ଷା ନିମନ୍ତେ ସର୍ବଦା ହେଲମେଟ ବ୍ୟବହାର କରିବା, ଗାଡ଼ି ଚାଳନା ସମୟରେ ମୋବାଇଲ ବ୍ୟବହାର ନ କରିବା ଏବଂ ମଦ୍ୟପାନ ନ କରିବା ପାଇଁ ପରାମର୍ଶ ଦେଇଥିଲେ। ରାଲିରେ ଉପସ୍ଥିତ ଥିବା ଅନ୍ୟାନ୍ୟ ଅଧିକାରୀମାନଙ୍କ ଏସ୍‌ଆଇ ଲକ୍ଷ୍ମଣ ମୁର୍ମୁ ଓ ଅନନ୍ତ ଚରଣ ନାୟକ, ଏଏସ୍‌ଆଇ ସୁଶାନ୍ତ କୁମାର ମହାକୁଡ଼, ହରେନ୍ଦ୍ର ନାଥ ନାଗରୀ, କୈଳାଶ ଚନ୍ଦ୍ର ପାତ୍ର ଏବଂ ଅନ୍ୟ ସମସ୍ତ ପୋଲିସ କର୍ମଚାରୀ ସହଯୋଗ କରିଥିଲେ।

## କଟକଣାରେ ପାଳନ ହେଲା

ଢେଙ୍କିକୋଟ, ୨୮।୧(ଡି.ଏନ.ଏ.): କେନ୍ଦୁଝର ଜିଲା ଢେଙ୍କିକୋଟଠାରେ ମଙ୍ଗଳବାର ବିଭିନ୍ନ ଅନୁଷ୍ଠାନ ତରଫରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। କୋଭିଡ୍ କଟକଣା ନିୟମ ମାନି ଢେଙ୍କିକୋଟ ବଣିକ ସଂଘ ତରଫରୁ ଭଲି ପଡିଆଠାରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିବା ବେଳେ ଏଠାରେ ଏକ ସଭାର ଆୟୋଜନ କରାଯାଇଥିଲା। ସଭାପତି ରାଜକିଶୋର ସାହୁଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଓ ପତାକା ଉତ୍ତୋଳନ ହୋଇଥିଲା। ସମ୍ପାଦକ ଲଲାଟେନ୍ଦୁ ସାହୁ ଏଥିରେ ସହଯୋଗ କରିଥିଲେ। ଢେଙ୍କିକୋଟର ବିଶିଷ୍ଟ ଏବଂ ବରିଷ୍ଠ ସଦସ୍ୟ ତଥା ଢେଙ୍କିକୋଟ ବିକାଶ ମଞ୍ଚର ସଭାପତି ପ୍ରଫେସର ଯୁଗଳକିଶୋର ଦାସ, ବରିଷ୍ଠ ବ୍ୟବସାୟୀ ମୁରଲୀଧର ସାହୁ, ଭୀମସେନ ସାହୁ, ପ୍ରବୀର କୁମାର ଲାହାଙ୍କୁ ସଂଘ ତରଫରୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ଜଳସେଚନ ନାହିଁ, ଚାଷଜମି ପଡ଼ିଆ

ବନ୍ତ,୨୮।୧(ସ୍ୱ.ପ୍ର.)

ଭଦ୍ରକ ଜିଲା ବନ୍ତ ବ୍ଲକ ଅଞ୍ଚଳବାସୀ କୃଷି ଉପରେ ନିର୍ଭରଶୀଳ। ବ୍ଲକର ପ୍ରାୟ ୯୫ ପ୍ରତିଶତ ଲୋକ ଚାଷ କରି ଚଳନ୍ତି। କିନ୍ତୁ ଜଳସେଚନ ବ୍ୟବସ୍ଥା ନ ଥିବାରୁ ବର୍ଷସାରା ମାତ୍ର ଗୋଟିଏ ଫସଲ ହୋଇଥାଏ। ବ୍ଲକରେ ୧୫ ହଜାର ହେକ୍ଟର ଚାଷଜମି ରବି ଋତୁରେ ଚାଷ ହୋଇ ନ ପାରି ପଡ଼ିଆ ପଡୁଛି। ନିଜ ଚାଷଜମିରୁ ୨ଟି ଫସଲ ଉତ୍ପାଦନ ହୋଇପାରିଲେ ଲୋକଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆସିପାରନ୍ତା। ଜଳସେଚନ ଅଭାବରୁ ଜାନୁୟାରୀରୁ ଜୁନ୍ ୬ ମାସ ଚାଷୀ ପରିବାରର ପିଲା ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯିବାକୁ ବାଧ୍ୟ ହେଉଛନ୍ତି।

କୃଷି ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ବ୍ଲକରେ ମୋଟ ୧୮ ହଜାର ୮୬୫ ହେକ୍ଟର ଚାଷଜମି ରହିଛି। ସେଥିରୁ ରବିଋତୁରେ ମାତ୍ର ୩ ହଜାର ୭୦୦ ହେକ୍ଟର ଜମିରେ ଚାଷ ହୋଇଥାଏ।



ବନ୍ତ ବ୍ଲକ କୁଆଁର୍ଦ୍ଧା ଅଞ୍ଚଳରେ ପଡ଼ିଆ ପଡ଼ିଥିବା ଚାଷଜମି।

ଚଳିତବର୍ଷ ୩୭୯୨ ହେକ୍ଟର ଜମିରେ ରବି ଚାଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ସେଥି ମଧ୍ୟରୁ ୧୫୬୦ ହେକ୍ଟର ଜମିରେ ପରିବା, ୧୪୮୭ ହେକ୍ଟରରେ ଡାଲି ଜାତୀୟ, ୧୮୫ ହେକ୍ଟର ତୈଳ ବୀଜ, ୨୦ ହେକ୍ଟରରେ ଆଖୁଚାଷ ଓ ୫୪୦ ହେକ୍ଟରରେ ଧାନଚାଷ କରାଯିବାକୁ ସ୍ଥିର ହୋଇଛି। ୨୦୧୯-୨୦ ବର୍ଷରେ ୩୭୫୨ ହେକ୍ଟର ଜମି ରବି ଚାଷ କରାଯାଇଥିବା ବେଳେ ଚଳିତବର୍ଷ ଅଧିକ ୪୦ ହେକ୍ଟର ଜମିରେ ରବି ଚାଷ ଲାଗି ଲକ୍ଷ୍ୟ ରଖାଯାଇଛି। ସାଳନ୍ଦୀ ଜଳସେଚନ ପ୍ରକଳ୍ପରୁ ୪୮୩ ହେକ୍ଟର, ଲିଫ୍ଟ ଇରିଗେଶନରୁ ୧୦୭୮ ହେକ୍ଟର, ସାଲୋ ଟ୍ୟୁବୱେଲରୁ ୧୫୨୫ ହେକ୍ଟର, ନଦୀ ଓ ପୋଖରୀରୁ ୨୨୦ ହେକ୍ଟର ଜମି ଜଳସେଚିତ ହେଉଛି। ଅବଶିଷ୍ଟ ଜମି ଜଳସେଚନ ଅଭାବରୁ ପଡ଼ିଆ ପଡୁଛି। ଏହି ସମସ୍ୟା ପ୍ରତି ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଇ ପଦକ୍ଷେପ ନିଆଯିବାକୁ ଚାଷୀମାନେ ଦାବି କରୁଛନ୍ତି। ନିମଗଡିଆର ଚାଷୀ ମାନସ ପାଳ କହନ୍ତି, ବର୍ଷ ସାରା ଗୋଟିଏ ଫସଲରେ ଚଳିବା କଷ୍ଟକର। ଅନ୍ୟପଟେ କାମ ଅଭାବରୁ ପିଲାମାନେ ରୋଜଗାର ପାଇଁ ବାହାରକୁ ଯିବାକୁ ବାଧ୍ୟ ହେଉଛନ୍ତି। ବର୍ଷରେ ଦୁଇଥର ଚାଷ ହୋଇପାରିଲେ ଆର୍ଥିକ ସ୍ଥିତିରେ ଉନ୍ନତି ହେବା ସହ ଯୁବକମାନେ ଦାଦନ ଖଟିବାକୁ ନ ଯାଇ ଚାଷ କାମରେ ନିୟୋଜିତ ହୋଇପାରନ୍ତେ ବୋଲି କହିଛନ୍ତି କୁଆଁର୍ଦ୍ଧାର ଚାଷୀ ଅଭିମନ୍ୟୁ ଆଇଚ। ରବି ଋତୁରେ ଜମିକୁ ଜଳସେଚନ ବ୍ୟବସ୍ଥା ହୋଇପାରିଲେ ବର୍ଷରେ ୨ଟି ଫସଲ ଦ୍ୱାରା ଆୟ ଦ୍ୱିଗୁଣିତ ହୋଇପାରନ୍ତା। ଖରିଫରେ ରୋଗପୋକ ପାଇଁ ଯେଉଁ କ୍ଷତି ହୁଏ ତାହା ରବି ଋତୁରେ ଭରଣା ହୋଇପାରନ୍ତା ବୋଲି ସୁଆଁପଦାର ଚାଷୀ ଚନ୍ଦ୍ରକାନ୍ତ ମଣ୍ଡଳ ମତ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଭାରପ୍ରାପ୍ତ ବ୍ଲକ କୃଷି ଅଧିକାରୀ ତୁଷାରକାନ୍ତ ପତିଙ୍କୁ ପଚାରିବାରୁ ପ୍ରତିବର୍ଷ କେନାଲ କାମ ଚାଲୁଥିବାରୁ ଚାଷଜମିକୁ କେନାଲ ପାଣି ଆସିପାରୁ ନାହିଁ ବୋଲି କହିଛନ୍ତି।

## ମାଟ୍ରିକ ପୁନଃ ମୂଲ୍ୟାୟନ: ଅଙ୍କିତ ଜିଲା ଟପ୍ପର



ଜିଲା ପ୍ରଶାସନ ପକ୍ଷରୁ ଅଙ୍କିତଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

କୁଆମରା.୨୮।୧(ଡି.ଏନ.ଏ.)

ଗତ ୨୦୨୦ ମାଟ୍ରିକ ପରୀକ୍ଷାରେ ଗୋପବନ୍ଧୁ ନଗର ବ୍ଲକ କୁଆମରା ଉଚ୍ଚ ବିଦ୍ୟାଳୟର ଛାତ୍ର ଅଙ୍କିତ କୁମାର ବେହେରା ଏବଂ ବେତନଟୀ ଏମ୍‌ପିସି ହାଇସ୍କୁଲର ଛାତ୍ର ଦୀପ୍ତେଶ ପଣ୍ଡା ଉଭୟ ୬୦୦ ମାର୍କରୁ ୫୭୨ ନମ୍ବର ରଖି ମୟୂରଭଞ୍ଜ ଜିଲାର ଯୁଗ୍ମ ଟପ୍ପର ହୋଇଥିଲେ। ତେବେ ଅଙ୍କିତ ପୁନଃ ମୂଲ୍ୟାୟନ ପାଇଁ ଆବେଦନ କରିଥିଲେ। ସମସ୍ତ ବିଷୟର ଖାତା ପୁନଃ ମୂଲ୍ୟାୟନ ପରେ ଅଙ୍କିତଙ୍କୁ ଇଂରାଜୀ ଭାଷାରେ ଅଧିକ ୨ ନମ୍ବର ମିଳିଥିଲା। ଫଳରେ ତାଙ୍କ ମାର୍କ ୫୭୪କୁ ବୃଦ୍ଧି ପାଇବାରୁ ସେ ଜିଲାରେ ଟପ୍ପର ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଏଥିପାଇଁ ଗତ ସାଧାରଣତନ୍ତ୍ର ଦିବସର ଜିଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବୀନ୍ଦ୍ର ନାୟକଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ରୁଦ୍ରନାରାୟଣ ମହାନ୍ତି, କପ୍ତିପଦା ତହସିଲଦାର ସମରଜିତ କର, ଜିଲା ଶିକ୍ଷା ବିଭାଗ ବିଜ୍ଞାନ ସୁପରଭାଇଜର ଜଗନ୍ନାଥ ସାହୁ ପ୍ରମୁଖ ଯୋଗଦେଇ ଅଙ୍କିତଙ୍କୁ ଟ୍ରଫି ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିପାଇଁ ବିଦ୍ୟାଳୟ ପକ୍ଷରୁ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରାଯାଇଛି। ସୂଚନାଯୋଗ୍ୟ ଅଙ୍କିତଙ୍କ ଘର ବଡ଼ସାହି ବ୍ଲକ ଅନ୍ତର୍ଗତ ପଟିସାରୀ ଗ୍ରାମରେ। ତାଙ୍କ ବାପା ଓ ମା' ଉଭୟ ଶିକ୍ଷକତା କରନ୍ତି।

# ପଥର ଖାଦାନ ଖୋଲିବା ଲାଗି ପ୍ରକ୍ରିୟା ଆରମ୍ଭ



ଖବରଦାତା ସମ୍ମିଳନୀରେ ନୀଳଗିରି ଖାଦାନ ଓ ମିତ୍ରପୁର ପଥର ଶିଳ୍ପ ସଙ୍ଗଠନର କର୍ମକର୍ତ୍ତା।

ସଜନାଗଡ଼, ୨୮।୧(ଡି.ଏନ.ଏ.)

୨୦୧୨ଠାରୁ ନୀଳଗିରି ଅଞ୍ଚଳର ଖଣିଖାଦାନ ବନ୍ଦ ରହିଥିବା ବେଳେ ଅନେକେ ଦାଦନ ଖଟିବା ପାଇଁ ବାହାରକୁ ଯାଇଛନ୍ତି। ଏଠିକାର ଆଦିବାସୀ ସମ୍ପ୍ରଦାୟର ପରିବାର ମୁଖ୍ୟତଃ ପତର ଓ ପଥର ଉପରେ ନିର୍ଭର କରନ୍ତି। ବନ୍ଦ ଖଣି ଖାଦାନ ପରିବାର ଭରଣପୋଷଣରେ ବାଧକ ସାଜିଛି । କେ.ପି. ଲାଖରାଜ ପଞ୍ଚାୟତର କାଠଗୋଛି ପଥର ଖାଦାନ ଖୋଲିବା ପାଇଁ ହାଇକୋର୍ଟ ଡବ୍ଲ୍ୟୁପିସି ନଂ. ୧୨୦୮୪/୧୯ରେ ନିର୍ଦ୍ଦେଶ ଦେଇଥିଲେ। ଜିଲା ପ୍ରଶାସନ ସମସ୍ତ ତଦନ୍ତ ପ୍ରକ୍ରିୟାରେ ସବୁଜ ସଂକେତ ପାଇଲା ପରେ ନୀଳଗିରି ତହସିଲଦାର ୫ବର୍ଷିଆ ସୂତ୍ରରେ କାଠଗୋଛି ପଥରଖାଦାନକୁ ନୀଳଗିରି ଖାଦାନ ଓ ମିତ୍ରପୁର ପଥର ଶିଳ୍ପ ସଙ୍ଗଠନକୁ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ । ମାତ୍ର ଖାଦାନ ଅପରେଶନ କରିବାକୁ ଯାଇଥିବା ବେଳେ କେତେଜଣ ବ୍ୟକ୍ତି ଏହାକୁ ବିରୋଧ କରିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ନୀଳଗିରି ଖାଦାନ ଓ ମିତ୍ରପୁର ପଥର ଶିଳ୍ପ ସଙ୍ଗଠନ ପକ୍ଷରୁ ଏନେଇ ବୁଧବାର ଉକ୍ତ ଖାଦାନ ସ୍ଥଳରେ ଏକ ଖବରଦାତା ସମ୍ମିଳନୀ କରାଯାଇଥିଲା। ସମସ୍ତ ତଦନ୍ତ ରିପୋର୍ଟକୁ ପାଥେୟ କରି ନୀଳଗିରି ତହସିଲଦାରଙ୍କ ପକ୍ଷରୁ ଖାଦାନ ଅପରେଶନ ପାଇଁ ଚିଠି ନଂ. ୩୧, ତା୪।୧।୨୧ରିଖରେ ନିର୍ଦ୍ଦେଶ ଦିଆଯାଇଥିବା ସଙ୍ଗଠନ ସଭାପତି ଶାନ୍ତନୁ ମହାପାତ୍ର ସୂଚନା ଦେଇଛନ୍ତି। କେତେଜଣ ସୁବିଧାବାଦୀ ଏପରି ବିରୋଧ କରୁଥିବା ସୂଚନା ଦେବା ସହ ପଥର ଖାଦାନ ଖୋଲିଲେ ଏଠିକାର ଗରିବ ଖଟିଖିଆ ଆଦିବାସୀଙ୍କୁ ଜୀବିକାନିର୍ବାହ ପାଇଁ ରାଜ୍ୟ ଏବଂ ରାଜ୍ୟ ବାହାରକୁ ଯିବାକୁ ପଡ଼ିବ ନାହିଁ ବୋଲି କହିଥିଲେ । ଖବରଦାତା ସମ୍ମିଳନୀରେ ଅଗଣି ସାହୁ, ୱାର୍ଡମେମ୍ବର ଗୀତା ସିଂ, ୱାର୍ଡମେମ୍ବର ଲକ୍ଷ୍ମୀ ସିଂ, ମହାସଂଘ ସଭାପତି ସୁନୀ ସିଂ, ଭରତ ମହାଲିକ, ନବୀନ ଦେ, ଯତୀନ୍ଦ୍ର ନାୟକ, ପ୍ରଣବ ଦେବଗୋସ୍ୱାମୀ, ସଙ୍ଗଠନର ସହସମ୍ପାଦକ କାର୍ତ୍ତିକେଶ୍ୱର ଦାସ, ସଞ୍ଜୟ ବେହେରା, ବିଦ୍ୟାଧର ନାୟକ, ସୁଦର୍ଶନ ଦାସ, ଭଗବାନ ଦାସ, ବିଜୟ କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## କେନ୍ଦୁଝରରେ ବହୁବିଧ ଲାଇବ୍ରେରି

କେନ୍ଦୁଝର, ୨୮।୧ (ଡି.ଏନ.ଏ./ ସ୍ୱ.ପ୍ର.)

କେନ୍ଦୁଝରଗଡ ପୌରାଞ୍ଚଳରେ ପ୍ରଥମ ଉଚ୍ଚମାନର ବହୁବିଧ ଲାଇବ୍ରେରୀକୁ ଶକ୍ତି, ଶିଳ୍ପ ତଥା ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ମଙ୍ଗଳବାର ଉଦ୍‌ଘାଟନ କରିଛନ୍ତି। ଏହି ଲାଇବ୍ରେରୀରେ ବିଭିନ୍ନ ପ୍ରକାରର ଓଡିଆ ଭାଷାର ପୁସ୍ତକ ସଂଗ୍ରହ କରାଯାଇ ରଖାଯାଇଛି। ଏହି ଲାଇବ୍ରେରୀ ବୁଲି ଦେଖିବା ପରେ ଖୁସି ବ୍ୟକ୍ତ କରି ସମସ୍ତେ ମୂଲ୍ୟବାନ ସମୟକୁ ଉପଯୋଗ କରିବାକୁ ପରାମର୍ଶ ଦେଇଛନ୍ତି। ଲାଇବ୍ରେରୀରେ ବିଭିନ୍ନ ପ୍ରକାରର ଓଡ଼ିଆ, ଇଂରାଜୀ ଭାଷାର ଏକ ହଜାରରୁ ଉର୍ଦ୍ଧ୍ୱ ପୁସ୍ତକ ରହିଥିବା ବେଳେ ଏକସଙ୍ଗରେ ୬୦ ଜଣ ଅଧ୍ୟୟନ କରିବାର ସୁବିଧା ରହିଛି। ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠି ରୁ ୪୭.୨ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଏହି ଲାଇବ୍ରେରୀ ପ୍ରତିଷ୍ଠା କରାଯାଇଥିବା ସୂଚନା ଦିଆଯାଇଛି। କୋଭିଡ କଟକଣା ପାଇଁ ବର୍ତ୍ତମାନ ୫୦ ପ୍ରତିଶତ ପାଠକଙ୍କୁ ନେଇ ଚାଲିବ। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ଆଶୀଷ ଠାକରେ ଓ ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ।

## ବିସ୍ଥାପିତଙ୍କ ସମସ୍ୟା ସମୀକ୍ଷା କଲେ ପିସିସି ସଭାପତି

ଯୋଡ଼ା/ଚମ୍ପୁଆ, ୨୮।୧(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ବାସୁଦେବପୁର ଠାରେ ନିର୍ମାଣାଧୀନ କାନପୁର ବୃହତ୍ତ ଜଳସେଚନ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ବିସ୍ଥାପିତଙ୍କ ବିଭିନ୍ନ ମୌଳିକ ସମସ୍ୟାର ସମୀକ୍ଷା କରିବାକୁ ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ଗୁରୁବାର ଝୁମ୍ପୁରା ବ୍ଲକ ଓ ଯୋଡ଼ା ବ୍ଲକର ବିଭିନ୍ନ ଅଞ୍ଚଳକୁ ଗସ୍ତରେ ଆସିଥିଲେ । ସଭାପତି ପଟ୍ଟନାୟକ ସର୍ବପ୍ରଥମେ ଝୁମ୍ପୁରା ବ୍ଲକର ଆଙ୍ଗୁଳିଆ, ନାରଦପୁର ଓ ଯୋଡା ବ୍ଲକର ଶଙ୍କରପୁର, ଧବାକୁଟୁଡା, ବିରକଳା, ଧୋବଲା ବେଡା, ମୁକୁନ୍ଦପୁର, ପ୍ରଭୃତି ଅଞ୍ଚଳକୁ ଗସ୍ତରେ ଯାଇ ଙ୍କବିଭିନ୍ନ ମୌଳିକ ସମସ୍ୟା ସମ୍ପର୍କରେ ବିସ୍ଥାପିତଙ୍କ ସହ ଆଲୋଚନା କରିଥିଲେ। ପିସିସି ସଭାପତିଙ୍କ ସହ ଜିଲା ସଭାପତି ବିପ୍ଳବ ମିଶ୍ର, କଂଗ୍ରେସ ନେତା ଯଦୁମଣି ବାରିକ, ଅଶୋକ କୁମାର ଠକ୍କର, ରାଜ୍ୟ ଦଳିତ ମଞ୍ଚ ସଭାପତି ବିଦ୍ୟାଧର ଦେହୁରୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ନାଏକ ପ୍ରମୁଖଙ୍କ ସହ କାନପୁର ବିସ୍ଥାପିତ ଅର୍ଜ୍ଜୁନ ବେହେରା, ଜଗଦିଶ ବାରିକ ଓ ବହୁଦଳୀୟ କର୍ମୀ ଉପସ୍ଥିତ ଥିଲେ । ଏହି ସମୟରେ ବିସ୍ଥାପିତ ମାନେ ପୁନର୍ବାସ ଥଇଥାନ କଲୋନୀରେ ରହିଥିବା ବିଭିନ୍ନ ସମସ୍ୟା ଯଥା- ସ୍କୁଲ ଗୃହ, ପଖୋରୀ, ପାନୀୟ ଜଳ ବ୍ୟବସ୍ଥା, ଶବ ସତ୍କାର ନିମନ୍ତେ ଗୋଚର ଜମି ନଥିବା ବିଭିନ୍ନ ସମସ୍ୟା ଉପରେ ଏକ ଲିଖିତ ଦାବିପତ୍ର ପିସିସି ସଭାପତିଙ୍କୁ ପ୍ରଦାନ କରିଥିଲେ। ଏହାପରେ ନିରଞ୍ଜନ ଚମ୍ପୁଆ ଗସ୍ତରେ ଯାଇ ଉପଜିଲାପାଳ ପ୍ରତାପ ପ୍ରତିମୟଙ୍କ ସହ ବିସ୍ଥାପିତଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ ।



ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ବିସ୍ଥାପିତଙ୍କ ସହ ଆଲୋଚନା କରୁଛନ୍ତି।

# ସ୍ୱାସ୍ଥ୍ୟକେନ୍ଦ୍ର ସାମ୍ନାରୁ ୧.୬୦ ଲକ୍ଷ ଲୁଟ୍: ୨ ଅଟକ

ପଦ୍ମପୁର,୨୮।୧(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସାମ୍ନାରୁ ବୁଧବାର ପୂର୍ବାହ୍ନରେ ରଘୁପୁର ଗ୍ରାମର ଶରତ ବେହେରା ନାମକ ଜଣେ ବ୍ୟକ୍ତିଙ୍କଠାରୁ ୧ ଲକ୍ଷ ୬୦ ହଜାର ଟଙ୍କା ଲୁଟ୍ ହୋଇଥିଲା। ଏହି ଘଟଣାରେ ବାସୁଦେବପୁର ଥାନା ପୋଲିସ ୨ ଯୁବକଙ୍କୁ ଅଟକ ରଖି କଲ୍ ଡିଟେଲ୍ସ ଓ ଲୋକେଶନ ଯାଞ୍ଚ କରୁଛି। ଖୁବ୍‌ଶୀଘ୍ର ଏହି ଘଟଣାର ପର୍ଦ୍ଦାଫାଶ କରାଯିବ ବୋଲି ଥାନାଧିକାରୀ ଗୌରାଙ୍ଗ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି। ଏ ନେଇ ବାସୁଦେବପୁର ଥାନାରେ ମାମଲା (ନଂ. ୩୦/୨୧) ରୁଜୁ କରାଯାଇଛି। ପ୍ରକାଶ ଯେ, ଶରତ ସ୍ଥାନୀୟ ଷ୍ଟେଟବ୍ୟାଙ୍କରୁ ଟଙ୍କା ଉଠାଇ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସାମ୍ନାକୁ ଆସିଥିଲେ। ଏହି ସମୟରେ ଦୁଇ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କଠାରୁ ଟଙ୍କା ବ୍ୟାଗ୍ ଝାମ୍ପି ନେଇ ପଳାଇ ଯାଇଥିଲେ। ଏ ନେଇ ଶରତଙ୍କ ଅଭିଯୋଗ କ୍ରମେ ବାସୁଦେବପୁର ପୋଲିସ ତଦନ୍ତ ଚଳାଇଥିଲା। ବାଲିମେଦ ଛକରେ ଏକ ଆପାଚିରେ ୨ ଯୁବକ ଯାଉଥିବା ବେଳେ ସ୍ଥାନୀୟ ଯୁବକ ସନ୍ଦେହରେ ଅଟକାଇଥିଲେ। ଖବର ପାଇ ନାୟକାଣିଡିହୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଥାନାକୁ ନେଇଥିଲା। ସେମାନଙ୍କୁ ପଚରାଉଚରା କରିବା ସହ ସିସିଟିଭି ଯାଞ୍ଚ କରିବା ପାଇଁ ବାସୁଦେବପୁର ଥାନାକୁ ହସ୍ତାନ୍ତର କରିଥିଲା।

## ଫାଇଲେରିଆ ନିରାକରଣ: ୧୦ରୁ ଔଷଧ ବଣ୍ଟନ

ପଦ୍ମପୁର,୨୮।୧(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଦିନିକିଆ ସାମୂହିକ ଔଷଧ ବିତରଣ ପାଇଁ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକରେ ଫାଇଲେରିଆ ନିରାକରଣ ଲାଗି ଆସନ୍ତା ଫେବୃୟାରୀ ୧୦ରୁ ୧୯ ପର୍ଯ୍ୟନ୍ତ ଔଷଧ ବିତରଣ କରାଯିବ। ବ୍ଲକର ୫୦ ହଜାର ପରିବାରର ୨ ଲକ୍ଷ ୬୧ ହଜାର ୪୮୦ ଜଣଙ୍କୁ ୫ଶହ ସ୍ୱାସ୍ଥ୍ୟକର୍ମୀ ଔଷଧ ବଣ୍ଟନ କରିବେ ବୋଲି ସୂଚନା ଦିଆଯାଇଛି। ଚିକିତ୍ସାଧିକାରୀ ଡା. ସୁଶାନ୍ତ କୁମାର ସାମନ୍ତ, ବିଡିଓ ପ୍ରଣବ କୁମାର ବେହେରା, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଆଞ୍ଚଳିକ ସଂଯୋଜକ ଡା. ଦେବକାନ୍ତ ନାୟକ, ବିପିଏମ୍ ଦୀପ୍ତିରଞ୍ଜନ ମଳିକ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଗୌରୀମଣି ସାହୁ, ଆୟୁଷ ଡାକ୍ତର, ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ, ସମନ୍ୱିତ ଶିଶୁ ବିକାଶ ଯୋଜନାର ସୁପରଭାଇଜରମାନେ ଉପସ୍ଥିତ ଥିଲେ।

### ସଙ୍ଖେଇ ପୋଷ୍ଟ ଅଫିସ ପୋଡ଼ି ଘଟଣା

# ଆରମ୍ଭ ହେଲା ତଦନ୍ତ

ଖଇରା, ୨୮।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଜଳଦା ପଞ୍ଚାୟତ ଅଧୀନ ସଙ୍ଖେଇ ପୋଷ୍ଟଅଫିସ ପୋଡି ଘଟଣାରେ ଡାକ ବିଭାଗର ଜଣେ ଓଭରସିଅରଙ୍କ ଦ୍ୱାରା ଗୁରୁବାରଠାରୁ ତଦନ୍ତ ଆରମ୍ଭ ହୋଇଛି । ଶତାଧିକ ଜମାକାରୀଙ୍କ ଅଭିଯୋଗ ପରେ ଏଭଳି ପୋଡି ମନୁଷ୍ୟକୃତ ଥିବା ନେଇ ଆଭାସ ମିଳିଛି। ସେହିଭଳି ତଦନ୍ତ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିବାକୁ ଆସି ଶତାଧିକ ଜମାକାରୀ ବେଶ କିଛି ସମୟ ଧରି ଧାରଣାରେ ବସି ରହିଥିଲେ। ଅର୍ଥ ଫେରସ୍ତ ନ ମିଳିଲେ ଶହ ଶହ ଜମାକାରୀ ପୋଷ୍ଟଅଫିସ ସମ୍ମୁଖରେ ଆମରଣ ଅନଶନରେ ବସିବେ ବୋଲି ଜମାକାରୀ ମମତା ଗିରି, ଡାଲା ହୁ, ସସ୍ମିତା ଗିରି, ଗୀତାଞ୍ଜଳି ଗିରି, ସରସ୍ୱତୀ ସେଠୀ, ଭାମାମଣି ଗିରି, ସୁମତି ଗିରି କହିଛନ୍ତି । ୨୪ତାରିଖରେ ପୋଷ୍ଟ ଅଫିସରେ ନିଆଁ ଲାଗିବା ସହ ବହୁ ସଂଖ୍ୟାର ଜମାଖାତା ଓ ଅନ୍ୟାନ୍ୟ କାଗଜପତ୍ର ପୋଡିଯାଇଥିଲା। ଖଇରା ପୋଲିସ ୨୫ତାରିଖରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଥିଲା। କେବଳ କାଗଜପତ୍ର ପୋଡିଥିବା ବେଳେ ଘର ଅନ୍ୟ କୌଣସି ଅଂଶର କ୍ଷତି ନ ଘଟିବାରୁ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଥିଲା। ଉକ୍ତ ଘଟଣାର ତଦନ୍ତ ପାଇଁ ଗୁରୁବାର ସୋର ସବ୍‌ଡିଭିଜନର ଓଭରସିଅର ବିପିନ କିଶୋର ପାଢୀ ପହଞ୍ଚିବା ସହ ବିଭିନ୍ନ ଖାତାପତ୍ରର ଯାଞ୍ଚ କରିଥିଲେ। ବିଭିନ୍ନ ଗ୍ରାମରୁ ଶତାଧିକ ଜମାକାରୀ ସେମାନଙ୍କ ଜମା ଅର୍ଥ ମିଳୁ ନ ଥିବା ଏବଂ ଶେଷରେ ତାକୁ ହଡପ କରିବା ପାଇଁ ଏଭଳି ପୋଡିର ରୂପ ଦିଆଯାଉଥିବା ଅଭିଯୋଗ କରିଥିଲେ। ଏହି ହଡପ ଅର୍ଥର ପରିମାଣ ୧୦ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି। ଏ ସମ୍ପର୍କରେ ତଦନ୍ତକାରୀ ଅଧିକାରୀ ବିପିନ କିଶୋର ପାଢୀଙ୍କୁ ପଚାରିବାରେ ଅଭିଯୋଗକାରୀମାନେ ଆବଶ୍ୟକ ପ୍ରମାଣ ଦେଖାଇଲେ ସେମାନଙ୍କ ଅର୍ଥ ଫେରସ୍ତ ଦିଆଯିବ। ତାଙ୍କର ତଦନ୍ତ ରିପୋର୍ଟ ସେ ଉପଖଣ୍ଡ ଅଧିକାରୀଙ୍କୁ ପ୍ରଦାନ କରିବେ। ସେ ଯାହା ନିଷ୍ପତ୍ତି ନେବେ ବୋଲି କହିଛନ୍ତି । ପୋଷ୍ଟମାଷ୍ଟର ସସ୍ମିତା ଜେନା ଏହି ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି ।



ଅଧିକାରୀମାନେ ବିଭିନ୍ନ କଗଜପତ୍ରର ତଦନ୍ତ କରୁଛନ୍ତି।

# କଳାର ବିକାଶ ପାଇଁ ସ୍ୱତନ୍ତ୍ର ଯୋଜନା

ବାରିପଦା ଅଫିସ,୨୮।୧

ମୟୂରଭଞ୍ଜ ଜିଲାରେ କଳା ଓ ସଂସ୍କୃତିର ବିକାଶ ସହିତ ଶହୀଦ ସ୍ମୃତି ଭବନର ଉନ୍ନତିକରଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ କୋଟି ଟଙ୍କା ଅନୁଦାନ ଘୋଷଣା କରାଯାଇଛି। ସେହିପରି ପ୍ରତିବର୍ଷ ଜିଲାରେ ନାଟକୋତ୍ସବ ଆୟୋଜନ ପାଇଁ ୫ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରାଯିବ ବୋଲି ସାଧାରଣତନ୍ତ୍ର ଦିବସରେ ଉପସ୍ଥିତ କଳାକାରଙ୍କ ସହିତ ଆଲୋଚନା କରି ବିଜେଡ଼ି ସଙ୍ଗଠନ ସମ୍ପାଦକ ତଥା ଜିଲା ପର୍ଯ୍ୟବେକ୍ଷକ ପ୍ରଣବ ପ୍ରକାଶ ଦାସ ପ୍ରକାଶ କରିଥିଲେ।

ବାରିପଦା କଳାକାର ପରିବାରର ସଭାପତି ଧୀର ବଶାଙ୍କ ସମେତ ବହୁ କଳାକାର ଉପସ୍ଥିତ ରହି ଶହୀଦ ସ୍ମୃତି ଭବନ ରଙ୍ଗମଞ୍ଚର ଅବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିବା ସହିତ ଭବନର ପୁନଃନିର୍ମାଣ ତଥା ଆଧୁନିକକରଣ, ଉଦଳା, କରଞ୍ଜିଆ ଓ ରାଇରଙ୍ଗପୁରଠାରେ ଗୋଟିଏ ଲେଖାଏଁ ନୂଆ ରଙ୍ଗମଞ୍ଚ ଗୃହ ନିର୍ମାଣ ପାଇଁ ଦାବି ଉପସ୍ଥାପନ କରିଥିଲେ। ସେହିପରି ପ୍ରତିବର୍ଷ ବାରିପଦାରେ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଏକ ନାଟକୋତ୍ସବ ଆୟୋଜନ ପାଇଁ ମଧ୍ୟ ଦାବି ଉପସ୍ଥାପନ କରାଯାଇଥିଲା। ଏହା ସହିତ ବାରିପଦାରେ ଏକ ନୃତ୍ୟ, ସଙ୍ଗୀତ ଓ ନାଟକ ମହାବିଦ୍ୟାଳୟ ପ୍ରତିଷ୍ଠା ସମ୍ପର୍କରେ କଳାକାର ପରିବାର ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲାର କଳାକାର ଅସିତ ପତି, ଇଂ. ମନୋଜ ଦଳବେହେରା, ସ୍ୱରାଜ ବାରିକ, ଫାଲଗୁନୀ ମହାନ୍ତ, ଅନ୍ନଦା ଦାଶ, ଅସିତ ଗିରି, କୁମାରମଣି ନାୟକ, ଅସିତ କୁମାର ଦାସ, ଜଗଦୀଶ ଦାଶ, ବିଭୁଦତ୍ତ ଦାସ, ସୋମନାଥ ସିଂହ, ଲମ୍ବୋଦର ସିଂ ଓ ରବୀନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



କଳାକାରଙ୍କ ସହ ବିଜେଡ଼ି ରାଜ୍ୟ ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଆଲୋଚନା କରୁଛନ୍ତି।

## ଦୋକାନ ତାଲା ଭାଙ୍ଗି ସାମଗ୍ରୀ ଲୁଟ୍

ପାଟଣା,(ସ୍ୱ.ପ୍ର.): ଦିନକୁ ଦିନ ପାଟଣା ଥାନା ଅଞ୍ଚଳର ବିଭିନ୍ନ ବଜାରରୁ ଚୋରି ବୃଦ୍ଧି ପାଉଛି। ସୋମବାର ବିଳମ୍ବିତ ରାତିରେ ୨୨୦ ନମ୍ବର ଜାତୀୟ ରାଜପଥ ପାଟଣା ଢେଙ୍କିକୋଟ ରାସ୍ତାର ମଙ୍ଗଳପୁର ଛକ ଉପରେ ଥିବା ଏକ ଷ୍ଟେଶନାରୀ ଦୋକାନର ତାଲା ଭାଙ୍ଗି ଦୁର୍ବୃତ୍ତ ଫ୍ରିଜ ସହ ୫୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ସାମଗ୍ରୀ ଲୁଟିନେଇଥିବା ପାଟଣା ଥାନାରେ ଦୋକାନ ମାଲିକ ବାବୁଲି ମହାନ୍ତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପାଟଣା ପୋଲିସ ଏକ ମାମଲା (ନଂ.୧୨/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି।



### ସଂକ୍ଷେପରେ

## ଶିଶୁକନ୍ୟା ହତ୍ୟା ମାମଲା ଜେଲ୍ ଗଲେ ବଡ଼ମା, ବଡବାପା

ରୂପସା/ରସାଲପୁର, ୨୮।୧(ଡି.ଏନ.ଏ.): ବାଲେଶ୍ୱର ସଦର ଥାନା ହଳଦୀପଦା ଫାଣ୍ଡି ଅନ୍ତର୍ଗତ ଜୁଣଗଡିଆ ଗ୍ରାମର ଏକ ଶିଶୁକନ୍ୟା ହତ୍ୟା ମାମଲାରେ ଅଭିଯୁକ୍ତ ବଡବାପା ବାବୁ ନାୟକ ଓ ବଡ଼ମା ଲତା ନାୟକଙ୍କୁ ପୋଲିସ ଗୁରୁବାର ଗିରଫ କରିଛି। ପାରିବାରିକ କଳହକୁ କେନ୍ଦ୍ର କରି ଗତ ଗୁରୁବାର ବାବୁ ନାୟକ ଓ ସାନଭାଇ ସୁଜିତ ମଧରେ ମାରପିଟ୍ ହୋଇଥିଲା। ବାବୁ ଏକ ଲାଠି ଦ୍ୱାରା ସୁଜିତଙ୍କୁ ଆକ୍ରମଣ କରୁଥିବା ବେଳେ ସୁଜିତଙ୍କ ସ୍ତ୍ରୀ ଦେଢ଼ବର୍ଷର ଶିଶୁକନ୍ୟାକୁ କାଖେଇ ଦେଢଶୁରଙ୍କୁ ବିରୋଧ କରିଥିଲେ। ଏହି ସମୟରେ ଶିଶୁକନ୍ୟା ମୁଣ୍ଡରେ ଲାଠି ବାଜିଯିବାରୁ ଶିଶୁକନ୍ୟାର ମୃତ୍ୟୁ ହୋଇଯାଇଥିଲା। ଏନେଇ ପୋଲିସ ଏକ ହତ୍ୟା ମାମଲା (ନଂ. ୩୭/୨୧) ରୁଜୁ କରି ତଦନ୍ତ ଜାରି ରଖିଛି। ତଦନ୍ତ ଅଧିକାରୀ ଓ ଫାଣ୍ଡି ଅଧିକାରୀ ବଦ୍ରିଶଙ୍କର ଷଣ୍ଢ ଚଢ଼ାଉ କରି ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

## ମହିଳାଙ୍କ ସଲିଳ ସମାଧି

ରୂପସା, ୨୮।୧(ଡି.ଏନ.ଏ.): ବାଲେଶ୍ୱର ସଦର ବ୍ଲକ ରୂପସା ଥାନା ଅନ୍ତର୍ଗତ କାଦମଉଦା ଗ୍ରାମର ଜଣେ ମହିଳା ଗୁରୁବାର ପୋଖରୀରେ ବୁଡି ପ୍ରାଣ ହରାଇଛନ୍ତି। ମୃତ ମହିଳା ହେଲେ ଗଦାଧର ପରିଡାଙ୍କ ସ୍ତ୍ରୀ ମଞ୍ଜୁଲତା(୬୩)। ସେ ସକାଳେ ସ୍ଥାନୀୟ କଲେଜ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଅସାବଧାନତାବଶତଃ ପୋଖରୀରେ ବୁଡିଯାଇଥିଲେ। ଗାଁ ଲୋକେ ଖୋଜାଖୋଜି କରି ପୋଖରୀରୁ ମହିଳାଙ୍କୁ ଭାସୁଥିବା ଅବସ୍ଥାରେ ଉଦ୍ଧାର କରିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ ହେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା(ନଂ.୧/୨୧) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି।

## କେନ୍ଦୁଝର ହେବ ବାଲ୍ୟ ବିବାହମୁକ୍ତ

କେନ୍ଦୁଝର, ୨୮।୧(ଡି.ଏନ.ଏ.): କେନ୍ଦୁଝର ଜିଲାକୁ ବାଲ୍ୟ ବିବାହ ମୁକ୍ତ କରିବା ପାଇଁ ଜିଲା ଟାସ୍କ ଫୋର୍ସ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ମର୍ମରେ ଏକ ବାର୍ତ୍ତାରେ ଜିଲାପାଳ ଆଶିଷ ଠାକ୍‌ରେ ଜିଲାବାସୀଙ୍କର ସକ୍ରିୟ ସହଯୋଗ ଲୋଡ଼ିଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଅପରାହ୍ନରେ ଜିଲା କାର୍ଯ୍ୟାଳୟର ମିନି କନଫରେନ୍ସ ହଲଠାରେ ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡଃ ଉଦ୍ଧବ ଚନ୍ଦ୍ର ମାଝୀ, ଜିଲା ଆଇନସେବା ପ୍ରାଧିକରଣର ସଚିବ ସୌଦାମିନୀ ବିଶ୍ୱାଳ କେନ୍ଦୁଝର ଜିଲାକୁ ବାଲ୍ୟ ବିବାହମୁକ୍ତ କରିବା ପାଇଁ ବ୍ୟାପକ ଜନ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ବାଲ୍ୟ ବିବାହ ବନ୍ଦ କରିବା କ୍ଷେତ୍ରରେ ଜିଲାର ବିଭିନ୍ନ ବିଭାଗର ଭୂମିକା ସମ୍ପର୍କରେ ଆଲୋଚନା ହୋଇଥିଲା। ଜିଲା ସମାଜ କଲ୍ୟାଣ ଅଧିକାରୀ ଆରତି ରଥ, ଜିଲା କଲ୍ୟାଣ ଅଧିକାରୀ ପ୍ରଦ୍ୟୁମ୍ନ ଦାଶ, ଜିଲା ଶିକ୍ଷାଧିକାରୀ ସଂଗ୍ରାମ ସାହୁ, ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଞ୍ଜୀବ ବାରିକ, ଜିଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢୀ, ଚାଇଲ୍ଡ ଲାଇନ୍ ସଂଯୋଜକ ଆର୍ ସି ମିଶ୍ର ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

## ୩୧ରେ ଗଡଚଣ୍ଡୀ ପରିଷଦର ରୌପ୍ୟ ଜୟନ୍ତୀ

ଖଇରା, ୨୮।୧(ଡି.ଏନ.ଏ.): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀ ପର୍ଯ୍ୟଟନ କ୍ଷେତ୍ରର ବିକାଶ ଓ ସଂସ୍କୃତିର ଉତ୍ଥାପନ ପାଇଁ ଉଦ୍ୟମ ଜାରି ରଖିଥିବା ଗଡଚଣ୍ଡୀ ସାଂସ୍କୃତିକ ପରିଷଦର ରୌପ୍ୟ ଜୟନ୍ତୀ ସମାରୋହ ଜାନୁୟାରୀ ୩୧ତାରିଖରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଏକ ପ୍ରସ୍ତୁତି ବୈଠକ ରବିବାର କୁପାରୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶରତ ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଖଇରା ବ୍ଲକର ୮ ଖବରଦାତା, ୮ପୁରାତନ ଛାତ୍ରୀଛାତ୍ର, ଆଶା ଅଙ୍ଗନୱାଡି କର୍ମୀ, ୨ ପ୍ରତିଭାବାନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା, ମୁଖପତ୍ର କୃପାଚାର୍ଯ୍ୟର ଉନ୍ମୋଚନ କରିବାକୁ ସଦସ୍ୟମାନଙ୍କ ଉପସ୍ଥିତିରେ ନିଷ୍ପତ୍ତି ନିଆଯାଇଥିଲା। ବ୍ଲକ ଉପାଧକ୍ଷ ଜୟନ୍ତ କୁମାର ରାଉତ, ବିଶ୍ୱରଞ୍ଜନ ମହାପାତ୍ର, ଡା ଉମେଶ ମହାନ୍ତି, ପୁରୁଷୋତ୍ତମ ନାୟକ, ଭରତ ଚନ୍ଦ୍ର ଦାସ, ଜଗନ୍ନାଥ ମହାପାତ୍ର, ଅଭୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ମେଡିକାଲ କଲେଜ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ

ବାରିପଦା ଅଫିସ,୨୮।୧

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ (ପିଆର୍‌ଏମ୍) ମେଡ଼ିକାଲ କଲେଜରେ ଥିବା ବିଭିନ୍ନ ସମସ୍ୟାକୁ ନେଇ ଛାତ୍ରୀଛାତ୍ରମାନେ ଅସନ୍ତୋଷ ପ୍ରକାଶ କରି ଗୁରୁବାର ରାତି ୭ଟାରେ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଦୀର୍ଘ ଦିନ ଧରି କଲେଜର ସମସ୍ୟାଗୁଡ଼ିକ ସମାଧାନ କରାଯାଉ ନ ଥିବାରୁ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଉତ୍ତେଜନା ପ୍ରକାଶ ପାଇଥିଲା। ସେମାନେ ମେଡିକାଲ କଲେଜ ଡିନ୍‌ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହୋହଲ୍ଲା କରିଥିଲେ।

ସୂଚନା ଅନୁଯାୟୀ, କଲେଜ ପରିସରରେ ପାନୀୟ ଜଳର ସଙ୍କଟ, ପରିସ୍କାର ପରିଚ୍ଛନ୍ନତା, ଶ୍ରେଣୀ କକ୍ଷର ଆବଶ୍ୟକତା ଆଦିକୁ ନେଇ ଛାତ୍ରୀଛାତ୍ରମାନେ ବାରମ୍ବାର ଅଭିଯୋଗ



ଛାତ୍ରୀଛାତ୍ର କଲେଜ ଫାଟକ ବନ୍ଦ କରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

କରୁ ଆସୁଛନ୍ତି। ଦୀର୍ଘ ଦିନ ଧରି ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଛାତ୍ରୀଛାତ୍ରମାନେ ଡିନ୍‌ଙ୍କଠାରୁ ଆରମ୍ଭ କରି ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଆସୁଛନ୍ତି। ମାତ୍ର ବିଭାଗୀୟ ଅଧିକାରୀମାନେ ଏଥିପ୍ରତି କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଥିଲା। ଫଳରେ ନିରୁପାୟ ହୋଇ ଛାତ୍ରୀଛାତ୍ରମାନେ କଲେଜ ଫାଟକକୁ ବନ୍ଦ କରି ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ୟୁଜି ଛାତ୍ର ସଂସଦର ସଭାପତି ଅରବିନ୍ଦ ପ୍ରସାଦ କୁହନ୍ତି, ଆବଶ୍ୟକ ପରିମଳ ବ୍ୟବସ୍ଥା ନ ଥିବା ବେଳେ ଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରାଯାଉନାହିଁ। ଫଳରେ ୪ଶହ ଛାତ୍ରୀଛାତ୍ର ବହୁ ଅସୁବିଧାର ସମ୍ମୁଖିନ ହେଉଛୁ। ସେହିପରି ଛାତ୍ର ସଂସଦର ସାଧାରଣ ସମ୍ପାଦକ ବଳରାମ ପୋଥାଳ କୁହନ୍ତି, କଲେଜ ପରିସରକୁ ପରିସ୍କାର ପରିଚ୍ଛନ୍ନ କରାଯାଉ ନ ଥିବାରୁ ଅସ୍ୱାସ୍ଥ୍ୟକର ପରିବେଶରେ ପାଠ ପଢ଼ିବାକୁ ପଡୁଛି। ସେହିପରି ଛାତ୍ରୀ ଅନନ୍ୟା ପାଣିଗ୍ରାହୀ କୁହନ୍ତି, ଛାତ୍ରୀମାନଙ୍କ ନିମନ୍ତେ ସାନିଟାରୀ ବ୍ୟବସ୍ଥା ସଠିକ୍ ଭାବେ କରାଯାଉ ନ ଥିବା ବେଳେ ପାଠପଢ଼ିବାକୁ ଶ୍ରେଣୀ ଗୃହର ଆବଶ୍ୟକତା ରହିଛି। ଏ ସମ୍ପର୍କରେ ଡିନ୍‌ଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ। ତେବେ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଛାତ୍ର ସଂସଦର ସଭାପତି ଅରବିନ୍ଦ ପ୍ରସାଦ ଚେତାବନୀ ଦେଇଛନ୍ତି।

# ୨୫% ଧାନ କିଣା ପରେ ବନ୍ଦ ନେଇ ଅସନ୍ତୋଷ

କେନ୍ଦୁଝର ୨୮।୧ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ତେଲକୋଇ ବ୍ଲକରେ ପଞ୍ଜୀକୃତ ଚାଷୀଙ୍କର ଧାନ କିଣା ବନ୍ଦ ହୋଇଯିବାରୁ ଅସନ୍ତୋଷ ବ୍ୟକ୍ତ କରି ଦୀର୍ଘ ୫୦ କି.ମି. ଅତିକ୍ରମ କରି ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଗୁରୁବାର ଆସିଥିଲେ। ଅଭିଯୋଗ ଅନୁଯାୟୀ, ପଞ୍ଜୀକୃତ ହୋଇଥିବା ଚାଷୀଙ୍କ ମଧ୍ୟରୁ ମାତ୍ର ୨୫ ପ୍ରତିଶତ ଧାନ କିଣାଯାଇଥିବା ବେଳେ ଅବଶିଷ୍ଟ ଚାଷୀ ଧାନ ଧରି ଦୀର୍ଘ ଦିନ ଧରି ଅପେକ୍ଷା କରି ବସିଛନ୍ତି। ପ୍ରିୟାପ୍ରୀତି କରି ପ୍ରବାଶାଳୀ ବ୍ୟକ୍ତି, ଦଲାଲ ବେପାରୀ, ମାନଙ୍କ ଟୋକନ ସିରିଏଲ ପଛରେ ଥିଲେ ହେଁ ଆଗ କିଣାଯାଇଥିବା ଚାଷୀମାନେ ଲ୍ୟାମ୍ପ ବିରୋଧରେ ଅଭିଯୋଗ କରିଛନ୍ତି। ଚାଷୀଙ୍କୁ କଟନୀଛଟନୀ କରି ତିନି କିଲୋ ଧାନ କାଟି ରଖାଯାଉଥିବା, ସେମାନଙ୍କ ସୁବିଧା ଧାନ କିଣା କେନ୍ଦ୍ରରେ ଉପଲବ୍ଧ କରାଯାଉ ନ ଥିବା ଇନ୍ଦ୍ରମଣୀ ବିଶ୍ୱାଳ, ଚିନ୍ମୟ କୁମାର ସାହୁ ସମେତ ଅଭିଯୋଗ କରିଛନ୍ତି। ଏଣୁ ଏନେଇ ତୁରନ୍ତ ପ୍ରତିକାର କରି ଚାଷୀଙ୍କ ଧାନ କିଣି ସେମାନଙ୍କୁ ଉଚିତ ପ୍ରାପ୍ୟ ନ ମିଳିଲେ ବାଧ୍ୟ ହୋଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।



ଅଭିଯୋଗ କରିବାକୁ ଆସିଥିବା ତେଲକୋଇ ଅଞ୍ଚଳର ଚାଷୀ।

# ଆଖଣ୍ଡଳମଣି ମନ୍ଦିର ବାହାରପାର୍ଶ୍ୱ ସମ୍ପ୍ରସାରଣ ପାଇଁ ତତ୍ପରତା

ଆରଡ଼ି,୨୮।୧(ଡି.ଏନ.ଏ.)

ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ିର ବାବା ଆଖଣ୍ଡଳମଣିଙ୍କ ମନ୍ଦିର ବାହାର ପାର୍ଶ୍ୱ ସମ୍ପ୍ରସାରଣ କାର୍ଯ୍ୟ ପାଇଁ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଗୁରୁବାର ଜିଲାପାଳ ଜ୍ଞାନ ରଞ୍ଜନ ଦାସ, ଉପଜିଲାପାଳ ତଥା ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ପୀତାମ୍ବର ସାମଲ ପୀଠକୁ ଆସି ମନ୍ଦିର ବାହାର ପାର୍ଶ୍ୱ ସମେତ ଅନ୍ୟାନ୍ୟ ସ୍ଥାନରେ ମାଷ୍ଟରପ୍ଲାନ ଅନୁସାରେ ଯେଉଁ କାର୍ଯ୍ୟ କରିବା କଥା ତାହାକୁ କାର୍ଯ୍ୟକାରୀ କରିବା ସମ୍ପର୍କରେ ଚାନ୍ଦବାଲି ତହସିଲଦାର ସୁଶାନ୍ତ ସୂତାର, ବିଡିଓ ଜ୍ୟୋତି ବିକାଶ ଦାସ, ଆରଡ଼ି ସରପଞ୍ଚ ଅରବିନ୍ଦ ପାଢ଼ୀ ଓ ବରିଷ୍ଠ ସେବାୟତଙ୍କ ସହ ଆଲୋଚନା କରିଛନ୍ତି। ମନ୍ଦିର ଚତୁଃପାର୍ଶ୍ୱରେ ୬୬ ଫୁଟ୍ ପର୍ଯ୍ୟନ୍ତ ସ୍ଥାନ ଅକ୍ତିଆର କରିବା, ପୀଠ ମଧ୍ୟରେ ଥିବା ରାସ୍ତା ସମ୍ପ୍ରସାରଣ, ଗାଡ଼ି ପାର୍କିଂ ପାଇଁ ସ୍ଥାନ ଚୟନ, ପୀଠରେ ଥିବା ନୂତନ ପୁଷ୍କରିଣୀର ସୌନ୍ଦର୍ଯ୍ୟକରଣ,



ଜିଲାପାଳ ଜ୍ଞାନ ରଞ୍ଜନ ଦାସ ଓ ଉପଜିଲାପାଳ ପୀତାମ୍ବର ସାମଲ ଅନ୍ୟ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

ମନ୍ଦିରରେ ବାବାଙ୍କ ମସ୍ତକରେ ଢଳା ଯାଉଥିବା ଜଳ କୁଣ୍ଡଠାରୁ ପାଇପ୍ ଯୋଗେ ଶିବମାହାରାରେ ପକାଇବା ଆଦି କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ପୂର୍ବରୁ ମନ୍ଦିର ମଧ୍ୟରେ ଥିବା ଭୋଗ ଦୋକାନ ଉଚ୍ଛେଦ କରାଯାଇଛି। ବେଢ଼ା ସମ୍ପ୍ରସାରଣ କାର୍ଯ୍ୟ ମଧ ଅଦ୍ୟାବଧି ଆରମ୍ଭ ହୋଇନାହିଁ। ଉଚ୍ଛେଦ ଭୋଗ ଦୋକାନୀଙ୍କୁ ଥଇଥାନ କରିବା ଲାଗି ଏପର୍ଯ୍ୟନ୍ତ କୌଣସି ବ୍ୟବସ୍ଥା ମଧ୍ୟ କାର୍ଯ୍ୟକାରୀ ହୋଇନାହିଁ। ପୀଠ ପାଇଁ ରାଜ୍ୟ ଦେବୋତ୍ତର ବିଭାଗ ପକ୍ଷରୁ ମଞ୍ଜୁର ହୋଇଥିବା ୬ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ ପୀଠକୁ ଆସିଥିବା ଜଣାପଡ଼ିଛି। ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇ, ସହ ପରିଚାଳକ ସୁଧାକର ବିଶ୍ୱାଳ ପ୍ରମୁଖ ଆଲୋଚନା ବେଳେ ଉପସ୍ଥିତ ଥିଲେ।

## ଫାଇନାଲରେ ବାସୁଦେବପୁର ଉତ୍କଳିକା ସ୍ପୋର୍ଟିଂ

ଭଣ୍ଡାରିପୋଖରୀ, ୨୮।୧(ଡି.ଏନ.ଏ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ବର୍ଯ୍ୟାଁବନାପୁର ପଞ୍ଚାୟତ ଚନ୍ଦ୍ରଭାନୁପୁର ଖେଳପଡ଼ିଆରେ ଚାଲିଥିବା ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଡ଼ଚଣାର ଏମ୍‌ସିସିକୁ ହରାଇ ବାସୁଦେବପୁରର ଉତ୍କଳିକା ସ୍ପୋର୍ଟିଂ ଫାଇନାଲକୁ ଉନ୍ନୀତ ହୋଇଛି। ଉତ୍କଳିକା ଟିମ୍ ଟସ୍ ଜିତି ୨୦ ଓଭରରେ ୭ ଉଇକେଟ ହରାଇ ୧୭୫ ରନ୍ କରିଥିଲା। ଦଳ ପକ୍ଷରୁ ପ୍ରଣବ ଦାସ ୫୮ ରନ୍ କରିଥିଲେ। ଏମ୍‌ସିସି ୧୯ ଓଭରରେ ୧୪୮ ରନ୍ କରି ଅଲଆଉଟ ହୋଇଥିଲା। ମ୍ୟାନ ଅଫ୍ ଦି ମ୍ୟାଚ୍ ପ୍ରଣବ ଦାସଙ୍କୁ ଅଭିମନ୍ୟୁ ବେହେରା ପୁରସ୍କୃତ କରିଥିଲେ। ଶରତ ପଣ୍ଡା ଓ ରାମଚନ୍ଦ୍ର ଦାସ ଅମ୍ପାୟର, ଶୋଭନ ଶଙ୍ଖୁଆ ଓ ସୁବ୍ରତ ପାତ୍ର ସ୍କୋରର ଥିଲେ। ପ୍ରଦୀପ ଜେନା ଓ ସୁକାନ୍ତ ପଣ୍ଡା ଧାରା ବିବରଣୀ ପ୍ରଦାନ କରିଥିଲେ।

# ବରିଷ୍ଠ ନାଗରିକ ସଂଘର ବାର୍ଷିକ ଯୋଜନା ସମ୍ପର୍କିତ ଆଲୋଚନା

ଭଦ୍ରକ ଅଫିସ,୨୮।୧

ଭଦ୍ରକ ଜିଲା ଚରମ୍ପା ବରିଷ୍ଠ ନାଗରିକ ସଂଘର ନବବର୍ଷର ବନ୍ଧୁମିଳନ ସହିତ ଚଳିତବର୍ଷ ନିମନ୍ତେ ଆଗାମୀ ଯୋଜନାର ରୂପରେଖ ସମ୍ପର୍କିତ ଆଲୋଚନା ସଭା ଗୁରୁବାର ବାଇପାସ୍ ଜଗନ୍ନାଥ ମନ୍ଦିର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଗଗନ ବିହାରୀ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ କୋଷାଧକ୍ଷ ସୁଦର୍ଶନ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ର। ମୁଖ୍ୟଅତିଥି ଭାବେ ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନର ସଭାପତି ଅଜୟ ନାୟକ ବରିଷ୍ଠ ନାଗରିକଙ୍କ ସମସ୍ୟା ସମାଧାନ କ୍ଷେତ୍ରରେ ସଂଘର ଭୂମିକା ସମ୍ପର୍କରେ କହିଥିଲେ। ଅନ୍ୟତମ ଅତିଥି ଗାନ୍ଧୀ ବିଚାର ମଞ୍ଚର ସଭାପତି ଶାନ୍ତନୁ ରାଉତ, ସୁଧାକର ରାଉତ, ପଦ୍ମଲୋଚନ ମହାଲିକ, ଅଜୟ ପାଢୀ, ଶଶୀକାନ୍ତ ପାଢୀ, ଆନନ୍ଦ ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ବରଦା ପ୍ରସନ୍ନ ପଣ୍ଡା ଓ ବିଶ୍ୱନାଥ ବେହେରା ସଭା ପରିଚାଳନା କରିଥିଲେ।

# ଡିଆର୍‌କେ ବାରିପଦା ସେମିରେ



ମ୍ୟାନ ଅଫ୍ ଦି ମ୍ୟାଚ୍ ମାରି ଲୋକନାଥଙ୍କୁ ପୁରସ୍କୃତ କରାଯାଉଛି।

ଧାମନଗର,୨୮।୧

ଭଦ୍ରକ ଜିଲା ଧାମନଗର ବ୍ଲକ ଦୋବଲ ପଞ୍ଚାୟତ ଧରମପଦା ଖେଳପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ମା' ସୁବର୍ଣ୍ଣମୁଖୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୩ୟ କ୍ୱାର୍ଟର ମ୍ୟାଚ୍‌ରେ ଟାଟାକୁ ହରାଇ ଡିଆର୍‌କେ ବାରିପଦା ସେମିକୁ ଉନ୍ନୀତ ହୋଇଛି। ଡିଆର୍‌କେ ୨୦ ଓଭରରେ ୯ ଉଇକେଟ ହରାଇ ୧୬୪ ରନ୍ କରିଥିଲା। ଦଳର ମାରି ଲୋକନାଥ ୩୧ ରନ୍ କରିଥିଲେ। ଜବାବରେ ଟାଟା ଜାମସେଦପୁର ୨୦ ଓଭରରେ ୮ ଉଇକେଟ ହରାଇ ୧୫୧ ରନ୍ କରି ପରାସ୍ତ ହୋଇଥିଲା। ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ମାରି ଲୋକନାଥଙ୍କୁ ହିମାଂଶୁ ମହାପାତ୍ର ପୁରସ୍କୃତ କରିଥିଲେ। ଖଗେଶ୍ୱର ମହାନ୍ତି ଓ ରଞ୍ଜନ ମଲିକ ଅମ୍ପାୟର, ଦେବାଶିଷ ଷଡ଼ଙ୍ଗୀ ଓ ସାଗର ରଥ ସ୍କୋରର ଥିଲେ। ଦେବପ୍ରକାଶ ନାୟକ ଓ ନରେନ୍ଦ୍ର ପଣ୍ଡା ଧାରା ବିବରଣୀ ପ୍ରଦାନ କରିଥିଲେ। ଶୁକ୍ରବାର ୪ର୍ଥ କ୍ୱାର୍ଟର ମ୍ୟାଚ୍ ଭୁବନେଶ୍ୱର ପାରମାଉଣ୍ଟ ଓ ସେରସା ରାଞ୍ଚି ମଧ୍ୟରେ ଅନୁଷ୍ଠିତ ହେବ।

# ଅନୁମତି ନ ଥାଇ ଉନ୍ନତ ଲୁହାପଥର ପରିବହନ

ଯୋଡ଼ା,୨୮।୧(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଯୋଡ଼ା ଖଣିମଣ୍ଡଳର ବାଂଶପାଣିସ୍ଥିତ ଏକ କ୍ରଶରରେ ଖଣିଜ ଚୋରା କାରବାରରେ ବ୍ୟବହୃତ ଜେସିବିକୁ ପୋଲିସ ଜବତ କରିବା ସହିତ ୨ ଜଣଙ୍କୁ ଗିରଫ କରିଛି। ସୋମବାର ରାତିରେ ବାଂଶପାଣିସ୍ଥିତ ବିନୁ ପଟ୍ଟନାୟକ ପେଟ୍ରୋଲ ପମ୍ପ ପଛ ପାର୍ଶ୍ୱରେ ଥିବା ଇନ୍ଦୁ ଇନ୍‌ଗଟ ପ୍ରାଇଭେଟ ଲିମିଟେଡ କ୍ରସରରୁ ଖଣିଜ ପରିବହନ ବେଳେ ପୋଲିସ ଚଢାଉ କରି ଚୋରା ଚାଲାଣ ବେଳେ ୨ଟି ଟ୍ରକ ସହ ୫ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ତେବେ ଅନ୍ଧାରର ସୁଯୋଗ ନେଇ ଜଣେ ଅଭିଯୁକ୍ତ ଫେରାର୍ ହେବାସହ ବ୍ୟବହୃତ ଜେସିବିକୁ ସେଠାରୁ ଖସାଇ ନେଇ ବାମେବାରୀ ସ୍ଥିତ ଜଙ୍ଗଲରେ ଲୁଚାଇ ରଖିଥିଲେ। ପୋଲିସ ଜେସିବି ମାଲିକ କାର୍ତ୍ତିକେଶ୍ୱର ସାହା ଓ ଅପରେଟର ଲାଲମୋହନ ନାଏକଙ୍କୁ ଗିରଫ କରିଛି। ପୋଲିସ ଘଟଣାର ଛାନଭିନ୍ କରି ଜାଣିବାକୁ ପାଇଥିଲା ଯେ, ଇନ୍ଦୁ ଇନଗଟ ପ୍ରାଇଭେଟ ଲିମିଟେଡ କ୍ରଶର୍‌ରେ ସୁରକ୍ଷା କର୍ମୀ ଭାବେ କାର୍ଯ୍ୟ କରୁଥିବା ସୁଶାନ୍ତ କୁମାର ଜେନା ଖଣିଜ ବୋଝେଇ କରିବାପାଇଁ ବହୁବାର ମେଶିନର ବ୍ୟବହାର କରିଛନ୍ତି। ଉକ୍ତ କ୍ରଶରର ବଡ଼ଲୁହାପଥର (ଲମ୍ପ୍‌ସ) ପରିବହନ ପାଇଁ ଖଣିବିଭାଗରୁ ଅନୁମତି ମିଳିଥିଲା।

### ଧରାପଡ଼ିଲେ ଆଉ ୨ ଅଭିଯୁକ୍ତ

ମାତ୍ର ଏହା ପରିବର୍ତ୍ତେ ଚୋରାରେ ଉନ୍ନତମାନର ଗୁଣ୍ଡ ଲୁହାପଥରକୁ ସୁନ୍ଦରଗଡ଼ ଜିଲା ରାଉରକେଲା ସ୍ଥିତ ଜୟ ମାତା ଅମ୍ବେ ଏଣ୍ଟରପ୍ରାଇଜର୍ସକୁ ଚାଲାଣ ପରିବର୍ତ୍ତେ ପଶ୍ଚିମବଙ୍ଗ ରାଜ୍ୟକୁ ଚୋରା ଚାଲାଣ କରାଯାଉଥିଲା। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ କିଏ ଏବଂ ଏହି କାର୍ଯ୍ୟରେ ଆଉ କାହାର ସମ୍ପୃକ୍ତି ଅଛି ଏନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ତେଣେ ଏଯାବତ ଉକ୍ତ କ୍ରଶରକୁ ବଡ଼ ଲୁହାପଥର ଖଣ୍ଡ ପରିବହନ ପାଇଁ ଅନୁମୋଦନ ଦେଇଥିବା ସରକାରୀ ଯୁଗ୍ମ ଖଣି ନିର୍ଦ୍ଦେଶାଳୟ ନୀରବ ସାଜିଛି। ତେବେ ଏହାର ଉଚ୍ଚସ୍ତରୀୟ ତଦନ୍ତ ହେଲେ ଏଥିରେ କେଉଁ ଖଣି ଅଧିକାରୀ ସମ୍ପୃକ୍ତ ଏହା ଲୋଚଲୋଚନକୁ ଆସିପାରିବ। ଏଠାରେ ସୂଚନାଯୋଗ୍ୟ ଯେ, ଖଣିଜ ଚୋରାଚାଲାଣ ସମୟରେ ଯୋଡ଼ା ଖଣିବିଭାଗକୁ ସୂଚନା ଦେଲେ ମଧ୍ୟ ଖଣିବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ସାଧାରଣରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଯୋଡ଼ା ଖଣି ଯୁଗ୍ମ ନିର୍ଦ୍ଦେଶକ କହିଛନ୍ତି ଯେ, ଯୋଡ଼ା ପୋଲିସ ଖଣିବିଭାଗକୁ ଏହି ଘଟଣାର ସମ୍ପୂର୍ଣ୍ଣ ତଥ୍ୟ ଦେଲେ ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ସାପଲତା ପାଲଟିଛି ଦର୍ଶନୀୟ ସ୍ଥାନ

କେନ୍ଦୁଝର, ୨୮।୧(ସ୍ୱ.ପ୍ର.)

କେନ୍ଦୁଝର ସଦର ବ୍ଲକ ନେକଡା ଘର (ଜାମୁନାଳିଆ) ନିକଟରେ ଜାତୀୟ ରାଜପଥ ୨୦ କଡ଼ରେ ରହିଛି ପ୍ରକୃତିଦତ୍ତ ସାପଲତା ପଥର ଚଟାଣ। ଏହ ପଥର ଚଟାଣ ପ୍ରାୟ ୨୫ ଏକର ପରିମିତ ଅଞ୍ଚଳ ବ୍ୟାପିଥିବା କୁହାଯାଉଛି। ତେବେ ଏହି ଚଟାଣ ଚାରିପଟେ ରହିଛି ଶାଳ ଜଙ୍ଗଲ। ଏଠାରେ ରହିଛି ସାପଲତେଶ୍ୱର ମହାଦେବ ଦେବସ୍ଥଳୀ। ଏଠାରେ ଥିବା ପ୍ରାୟ ୨୦ ଫୁଟ ଉଚ୍ଚ ସାପ ଫଣା ଆକୃତିର ପଥର ଏବଂ ଚଟାଣ ଉପରେ ଥିବା ଗୁମ୍ଫା ପ୍ରମୁଖ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। କୁହାଯାଏ ଏହି ପଥର ତଳେ ଏକ ବିଶାଳ କାୟ ସାପ ରହିଛି। ଉକ୍ତ ଅଞ୍ଚଳର ସୁରକ୍ଷା ପାଇଁ ଏଠାରେ ରହି ପଥର ପାଲଟି ଯାଇଥିବା ପୁରୁଣା ଲୋକଙ୍କ ବିଶ୍ୱାସ ରହିଛି। ତେବେ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ଏହା ଚାରିପାଖରେ ଥିବା ଜଙ୍ଗଲର ବଳୟ ପରିବେଶକୁ ଅଧିକ ସୌନ୍ଦର୍ଯ୍ୟମୟ କରିଥାଏ। ଏହି ଜଙ୍ଗଲର ସୁରକ୍ଷା ପାଇଁ ଗ୍ରାମବାସୀ ବହୁ ବର୍ଷ ଧରି ଲାଗିରହିଛନ୍ତି। ଏଣୁ ଏହି ସ୍ଥାନର ସୁରକ୍ଷା ପାଇଁ ସ୍ଥାନୀୟ କଳା ଓ ସଂସ୍କୃତି ରୁଚି ରଖିଥିବା ବ୍ୟକ୍ତିଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ଏହା ଚାରିପାଖରେ ବହୁ ଛୋଟ ଛୋଟ ଗୁମ୍ଫା ରହିଛି। ଏହି ସ୍ଥାନଟି ବୁଲିବା ସହ ଭୋଜିଭାତ କରିବା ପାଇଁ ପ୍ରକୃଷ୍ଟ ସ୍ଥାନ ହୋଇଥିବାରୁ ଏହାକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ଦେବାକୁ ଦାବି କରାଯାଇଛି। ଏହି ସ୍ଥାନରେ ଔଷଧୀୟ ବୃକ୍ଷ ରୋପଣ କରିବା ସହ ଉନ୍ନତୀକରଣ କରାଗଲେ ଏକ ଭଲ ପ୍ରାକୃତିକ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ ହୋଇ ପାରିବ ଏବଂ ଏହା ଦ୍ୱାରା ସ୍ଥାନୀୟ ଅଞ୍ଚଳବାସୀ ରୋଜଗାର ପାଇବା ସହ ପରିବେଶର ସୁରକ୍ଷା ହୋଇପାରିବ ବୋଲି କବିରାଜ ବିଶାରଦ ହରେକୃଷ୍ଣ ମହାନ୍ତ କହିଛନ୍ତି। ସେହିପରି ଏହାକୁ ଇକୋ-ଟୁରିଜିମର ମାନ୍ୟତା ଦେବାକୁ କମିଟିର ସଭାପତି ନିରଞ୍ଜନ ମହାକୁଡ, ସମ୍ପାଦକ ପ୍ରସନ୍ନ କୁମାର ଦାସ, ଭାଗବତ ମହାକୁଡ, ପ୍ରହ୍ଲାଦ ଜେନା ପ୍ରମୁଖ ଦାବି କରିବା ସହ ଏହାର ବିକାଶ କରିବାକୁ ଡିଏଫ୍‌ଓ କେନ୍ଦୁଝର ଓ ଜିଲା ସଂସ୍କୃତି ତଥା ପର୍ଯ୍ୟଟନ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କୁ ନିବେଦନ କରିଛନ୍ତି।



# ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

ବାଲେଶ୍ୱର ଅଫିସ, ୨୮।୧

ବାଲେଶ୍ୱର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲା ସମନ୍ୱୟ ଓ ମନିଟରିଂ କମିଟି (ଦିଶା) ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ଅଧକ୍ଷ ତଥା କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଅଧକ୍ଷତା କରିବା ସହିତ ଜିଲାର ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। କମିଟି ଅଧକ୍ଷ କେନ୍ଦ୍ରମନ୍ତ୍ରୀ ଷଡଙ୍ଗୀ ବୈଠକର ଏଜେଣ୍ଡା ଅନୁଯାୟୀ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରି ଉପସ୍ଥିତ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀଙ୍କୁ ଏ ସମ୍ପର୍କରେ ପଚାରି ବୁଝିଥିଲେ। ତେବେ ବୈଠକରେ କିଛି ବିଭାଗର ଅଧିକାରୀ ଅନୁପସ୍ଥିତ ଥିବାରୁ ମନ୍ତ୍ରୀ ଅସନ୍ତୋଷ ପ୍ରକାଶ କରିଥିଲେ।

ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ପରମ୍ପରାଗତ କୃଷି ଯୋଜନା ଓ ଜୈବିକ କୃଷି, ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ ପତ୍ରିକା ବଣ୍ଟନ, ପ୍ରଧାନମନ୍ତ୍ରୀ ଫସଲ ବୀମା, ପ୍ରଧାନମନ୍ତ୍ରୀ କୃଷି ଯୋଜନା ସମ୍ପର୍କରେ ଅଧିକାରୀଙ୍କଠାରୁ




ବୈଠକରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ, ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ଅନ୍ୟ ବିଧାୟକମାନେ।

ତଥ୍ୟ ସଂଗ୍ରହ କରିବା ସହ ନିର୍ଦ୍ଧାରିତ ଲକ୍ଷ୍ୟ ପୂରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ତେବେ ଜିଲାର କେଉଁ ଅଞ୍ଚଳରେ ଜୈବିକ କୃଷି ଉପରେ ଗୁରୁତ୍ୱ ଦେଇଛନ୍ତି ଉଦ୍ୟାନ ବିଭାଗ ପକ୍ଷରୁ ଗୃହକୁ ଦିଆଯାଇଥିବା ତଥ୍ୟ ଏବଂ ଅଧିକାରୀ ଉପସ୍ଥାପନ କରିଥିବା ତଥ୍ୟ ଉପରେ ତାଳମେଳ ନ ଥିବାରୁ କେନ୍ଦ୍ରମନ୍ତ୍ରୀ ଅସନ୍ତୋଷ ପ୍ରକାଶ କରିଥିଲେ। ସମନ୍ୱିତ ଜଳଛାୟା ପରିଚାଳନା କାର୍ଯ୍ୟକ୍ରମରେ ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ, ଅମୃତ ଯୋଜନାରେ ବାଲେଶ୍ୱର ପୌରାଞ୍ଚଳରେ ନିର୍ମାଣ ହେଉଥିବା ବିଭିନ୍ନ ପାର୍କର ସ୍ଥିତି, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାଲେଶ୍ୱର, ସୋର, ନୀଳଗିରି ଓ ଜଳେଶ୍ୱର ସହରାଞ୍ଚଳରେ ନିର୍ମାଣାଧୀନ ବାସଗୃହର ସ୍ଥିତି, ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ପାନୀୟଜଳ ଯୋଗାଣ,

### ଜିଲା ସମନ୍ୱୟ ଓ ମନିଟରିଂ କମିଟି(ଦିଶା) ବୈଠକ

ସ୍ୱଚ୍ଛ ଭାରତ ମିଶନର କାର୍ଯ୍ୟକାରିତା, କଠିନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କରେ ଗୃହରେ ଆଲୋଚନା କରାଯାଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ବାସଗୃହ ଯୋଗାଇ ଦେବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଜାତୀୟ ଖାଦ୍ୟ ସୁରକ୍ଷା ଅଧିନିୟମରେ ଅଯୋଗ୍ୟ ହିତାଧିକାରୀ ଲାଭ ଉଠାଉଥିବା ଅଭିଯୋଗ ହୋଇଥିବା ବେଳେ ସେମାନଙ୍କ ନାମ ହିତାଧିକାରୀ ତାଲିକାରୁ କାଟି କାର୍ଯ୍ୟାନୁଷ୍ଠାନ ନେବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ଚାଷୀଙ୍କଠାରୁ ଧାନ ସଂଗ୍ରହ କ୍ଷେତ୍ରରେ ସରକାରୀ ନିର୍ଦ୍ଦେଶନାମା ଉଲ୍ଲଂଘନ କରୁଥିବା ମିଲ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା ଯୋଗାଣ ଅଧିକାରୀଙ୍କୁ କୁହାଯାଇଥିଲା। ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଭୋଗରାଇ ବିଧାୟକ ତଥା ଜିଲା ଯୋଜନା କମିଟି ଅଧକ୍ଷ ଅନନ୍ତ ଦାସ, ନୀଳଗିରି ବିଧାୟକ ଇଂ ସୁକାନ୍ତ କୁମାର ନାୟକ, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ବାଲେଶ୍ୱର ସଦର ବିଧାୟକ ସ୍ୱରୂପ କୁମାର ଦାସ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡା, ଜିଲା ପରିଷଦ ସଭାପତି ନିବେଦିତା ମହାନ୍ତି, ଜିଲା ପରିଷଦ ଉପସଭାପତି ଗୌରାଙ୍ଗ ଚନ୍ଦ୍ର ପାଢୀ, କମିଟି ସମ୍ପାଦକ ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ। ପିଡି ଡିଆରଡିଏ ରବୀନ୍ଦ୍ର କୁମାର ସାହୁ ବିଭିନ୍ନ ପ୍ରସଙ୍ଗ ଉପରେ ଗୃହରେ ତଥ୍ୟ ଦେଇଥିଲେ।

